# Akashvani, Sambalpur

## SAMBALPURI NEWS EVENING BULLETIN

## 23 January 2025- 7.02 pm- 7.12 pm.

*********************************************

୧- ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆର୍ ବୀର ସୁରେନ୍ଦ୍ର ସାଏଙ୍କର୍ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

- ନେତାଜୀଙ୍କର୍ ଆଦର୍ଶକେ ଅନୁକରଣ୍ କର୍‌ବାର୍ ଲାଗି ଲୁକ୍‌କୁ ଆହ୍ୱାନ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୨- କଟକ୍ ବାରବାଟୀ ଦୁର୍ଗ ନ ହେଇଥିବା ଜାତୀୟସ୍ତରୀୟ ପରାକ୍ରମ ଦିବସ୍‌କେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଆକାଶବାଣୀ ସମ୍ବଲପୁର ଆଂଚଳିକ ସମ୍ବାଦ ବିଭାଗ୍‌ର ଆଏଜ୍ ହେଉଛେ ଥାପ୍‌ନା ଦିବସ୍ ।

ଆଉର୍

୪- ସମ୍ବଲ୍‌ପୁର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ସମ୍ବଲ୍‌ପୁର୍ ଦଲ୍ ଚମ୍ପିଆନ୍ ।

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆର୍ ଆଜାଦ୍ ହିନ୍ଦ୍ ଫୌଜ୍ର ପ୍ରତିଷ୍ଠାତା ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ ଆର୍ ସ୍ୱାଧୀନତା ସଂଗ୍ରାମ୍ର ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କର୍ ଆଏଜ୍ ଜନମ୍ ଦିନ୍ ଅବ୍ସରେ ରାଜ୍ୟବାସୀ ସେମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ଙ୍କର୍ ଜୟନ୍ତୀ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍ସରେ ରାଷ୍ଟ୍ରପତି କହିଛନ୍, ନେତାଜୀ ଭାରତୀୟ ସ୍ୱାଧୀନତା ସଂଗ୍ରାମ୍ର ଝନେ ବଳିଷ୍ଠ ଆର୍ ପ୍ରେରଣାଦାୟୀ କର୍ଣ୍ଣଧାର । ଦେଶ୍କେ ସ୍ୱାଧୀନ୍ କର୍ବାର୍ ଲାଗି ଆଜାଦ୍ ହିନ୍ଦ୍ ଫୌଜ୍ର ଲଢୁଆ ନେତୃତ୍ୱ ପିଢ଼ି ପିଢ଼ି ତକ୍ ଭାରତୀୟମାନ୍କର୍ ଆଦର୍ଶ ହେଇକରି ରହେବା ବଲି ରାଷ୍ଟ୍ରପତି କହିଛନ୍ ।

ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ଙ୍କର୍ ଆଏଜ୍ ଶହେ ୨୮ ନମ୍ବର୍ ଜୟନ୍ତୀ ଅବ୍ସରେ ଦେଶେ ପରାକ୍ରମ ଦିବସ ପାଳିତ ହେଉଛେ । ଇ ଅବସ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଭାରତ୍କେ ୩ ନମ୍ବର୍ ବଡ଼ ଅର୍ଥନୀତି ବନାବାର୍କେ ନେତାଜୀଙ୍କର୍ ଆଦର୍ଶକେ ଅନୁକରଣ୍ କରାଯାଇପାର୍ବା ବଲି କହିଛନ୍ । ଇ ଲକ୍ଷ୍ୟକେ

ପୂରଣ୍ କର୍‌ବାର୍ ଲାଗି ଦେଶ୍‌ବାସୀଙ୍କୁ ନିଷ୍ଠାର୍ ସହେତେ କାମ୍ କର୍‌ବାର୍‌କେ ଶ୍ରୀ ମୋଦୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍-୧-ପ୍ରଧାନ୍‌ମନ୍ତ୍ରୀ)

ନେତାଜୀଙ୍କର୍ ବିଷେଥି ଯୁବପିଢ଼ି ଆହୁରି ଅଏତ୍‌କା ପଢ଼୍‌ବାର୍ ଦର୍‌କାର୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କଟକ୍ ବାରବାଟୀ ଦୁର୍ଗଠାନେ ଆୟୋଜିତ ନେତାଜୀଙ୍କର୍ ଜୟନ୍ତୀ ସମାରୋହ ଆର୍ ପରାକ୍ରମ୍ ଦିବସ୍ କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ୍ କରିକରି ସୁଭାଷ ଚନ୍ଦ୍ର ବୋଷ୍‌ଙ୍କର୍ ବାବ୍‌ଦେ ନୂଆଁନୂଆଁ ତଥ୍ୟ ସାମ୍ନାକେ ଆନ୍‌ବାର୍ ଲାଗି ଯୁବପିଢ଼ିଙ୍କୁ ଆହ୍ୱାନ୍ ଦେଇଛନ୍ । ସେ କହିଛନ୍, ନେତାଜୀଙ୍କର୍ ମୂଲ୍ୟବୋଧ ଲୁକ୍‌କୁ ଅନୁପ୍ରାଣିତ କରୁଛେ ।

(ଭଏସ୍ ଓଭର୍-୨- ମୁଖ୍ୟମନ୍ତ୍ରୀ)

ଇ କାର୍ଯ୍ୟକ୍ରମ୍ ଆଏଜ୍‌ଠାନୁ ଆଏବା ୨୫ ତାରିଖ୍‌ତକ୍ ଚାଲ୍‌ବା ।  କାର୍ଯ୍ୟକ୍ରମ୍‌ଥି ନେତାଜୀଙ୍କର୍ ବାବଦ୍ ବହି, ଫଟୋ ପ୍ରଦର୍ଶନୀ, ମୂର୍ତି ଶିଳ୍ପ କର୍ମଶାଳା ଆର୍ ନେତାଜୀଙ୍କର୍ ଜୀବନ୍ ଆର୍ ରାଜ୍ୟର୍ ସାଂସ୍କୃତିକ୍ ଐତିହ୍ୟକେ ନେଇକରି ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଆୟୋଜିତ ହେଇଛେ ।

ଇତାର୍‌ଛଡ଼ା ବିଧାନ୍‌ସଭା ପରିସର ନ ଥିବା ନେତାଜୀଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲ୍‌ବେଲା ମୁଖ୍ୟମନ୍ତ୍ରୀ ଫୁଲ୍‌ମାଲା ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୧

ସାଲୁ ନେତାଜୀ ଜୟନ୍ତୀକେ ପରାକ୍ରମ୍ ଦିବସ୍ ଭାବେ କେନ୍ଦ୍ର ସର୍କାର୍ ପାଳନ୍ କରି ଆସୁଛନ୍ ।

ବୀର ସୁରେନ୍ଦ୍ର ସାଏ- ଜୟନ୍ତୀ

ଆର୍ଏନ୍ୟୁ /ସମ୍ବଲପୁର/ବଲାଙ୍ଗୀର/ବୌଦ୍ଧ

ସ୍ୱାଧୀନତା ସଂଗ୍ରାମ୍ର ମହାନ୍ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କର୍ ଆଏଜ୍ ୨ ଶହ ୧୬ ନମ୍ବର୍ ଜୟନ୍ତୀ । ୧୮୦୯ ମସିହା ଆଝିର୍ ଦିନେ ସମ୍ବଲ୍ପୁର୍ ଜିଲ୍ଲାର ଖିଣ୍ଡା ଗାଁ ନ ଇ ମହାନ୍ ବିପ୍ଲବୀଙ୍କର୍ ଜନମ୍ ହେଇଥିଲା । ୧୮୫୭ ମସିହା ସିପାହୀ ବିଦ୍ରୋହର୍ ଆଘୋନୁ ବ୍ରିଟିଶ୍ ସର୍କାର୍ଙ୍କର୍ ବିରୋଧିଥି ଅସ୍ତ୍ରଶସ୍ତ୍ର ଧରି କରି ସେ ଲଢ଼େଇ କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର୍ ଜୟନ୍ତୀ ଅବ୍ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧମ୍ଥି ରାଷ୍ଟ୍ରପତି କହିଛନ୍ ଯେ, ଇଂରେଜ ସର୍କାର୍ ବିରୋଧିଥି ଲଢ଼ିକରି ସୁରେନ୍ଦ୍ର ସାଏ ନିଜର୍ ଅସୀମ ସାହସ୍, ବୀରତ୍ୱ ଆର୍ ତ୍ୟାଗର ଉଦାହରଣ୍ ହେଇପାରିଛନ୍ । ତାଙ୍କର୍ ସାହସ୍, ସଂଗ୍ରାମ୍ ଆର୍ ବଳିଦାନ୍ ଲାଗି ସେ ଦେଶ୍ବାସୀଙ୍କର୍ ମନ୍ ଭିତ୍ରେ ସବୁଦିନ ରହେବେ ।

ବୀର ସୁରେନ୍ଦ୍ର ସାଏ ଝନେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଦେଶ୍‌ବାସୀଙ୍କର୍ ଭିତ୍‌ରେ ସ୍ୱାଧୀନତାର୍ ଭାବ୍‌ନାକେ ତହଁକାବାର୍ ଦିଗେ ତାକର୍ ନେତୃତ୍ୱ ଆର୍ ଅବଦାନ୍ ସବୁଦିନ ସୋର୍ ରହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ବୀର ସୁରେନ୍ଦ୍ର ସାଏଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ତାଙ୍କର ଜନମ୍ ମାଏଟ୍ ଖିଣ୍ଡା ଗାଁ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟ ପଂଚାୟତ୍‌ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍, ରେଙ୍ଗାଲି ଆର୍ ଝାର୍‌ସୁଗୁଡ଼ା ବିଧାୟକ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଖିଁଡ଼ା ଗାଁ ନ ଥିବା ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କରାଯାଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଇତାର୍‌ସହେତେ ଗୁଟେ ଶୋଭାଯାତ୍ରା ଗାଁ ବୁଲିଥିଲା । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍‌ପୁର୍ ହଉ କି ଝାର୍‌ସୁଗୁଡ଼ା ସବୁ ଗାଁର୍ ଲୁକେ ଇଂରେଜ୍ ସର୍‌କାର୍ ବିରୋଧିଥି ଏକ୍ ହେଇକରି ଲଢ଼ିଥିଲେ । ଇ ମାଏଟ୍ ନ ସୁରେନ୍ଦ୍ର ସାଏ ଉଲ୍‌ଗୁଲାନ୍ ମୁଲ୍ କରିଥିଲେ ଆଉର୍ ସୁରେନ୍ଦ୍ର ସାଏଙ୍କର୍ ଆଦର୍ଶକେ ଆଗ୍‌କେ ନେବାର୍ ସମ୍‌କର୍ ସଂକଳ୍ପ ହେଉ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍-୧- ଧର୍ମେନ୍ଦ୍ର ପ୍ରଧାନ୍)

ସେନ୍ତା ଆଏଜ୍ ସଖାଲ୍‌ବେଲା ସମ୍ବଲ୍‌ପୁର୍‌ର ଜେଲ୍‌ଛକ୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତ୍ତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ ରାଜ୍ୟ

ପଂଚାୟତିରାଜ୍‌ମନ୍ତ୍ରୀ ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ  ଦେବ୍‌ଗଡ଼୍, ସୁବର୍ଣ୍ଣପୁର୍

ଦେବଗଡ଼୍ ଜିଲ୍ଲା ସଂସ୍କୃତି ଭବନ୍ ନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆର୍ ବୀର ସୁରେନ୍ଦ୍ର ସାଏଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଦୁହି ସଂଗ୍ରାମୀଙ୍କର୍ ଫଟୋଥି ମାଲ୍ୟାର୍ପଣ୍ କରାଯାଇକରି ସେମାନ୍‌କର୍ ବଳିଦାନ୍ ସବୁଦିନ ସୋର୍ ରହେବା ବଲି ବକ୍ତାମାନେ କହିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବୀର ସୁରେନ୍ଦ୍ର ସାଏଙ୍କର୍ ଜୟନ୍ତୀ ପାଲନ୍ କରାଯାଇକରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ସେନ୍ତା ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ଆର୍ ସାମାଜିକ୍ ଅନୁଷ୍ଠାନ୍‌ମାନ୍‌କେ ବୀର ସୁରେନ୍ଦ୍ର ସାଏଙ୍କର୍ ଉପ୍‌ରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ସେନ୍ତା ବୌଦ୍ଧ ଜିଲ୍ଲା ନ ଭିନ୍ ଭିନ୍ ସର୍‌କାରୀ, ବେସର୍‌କାରୀ ସଂଗଠନ୍, ରାଜନୈତିକ୍ ଦଲ୍ ତର୍‌ଫୁ ନେତାଜୀ ଜୟନ୍ତୀ ଆର୍ ସୁରେନ୍ଦ୍ର ସାଏ ଜୟନ୍ତୀ ପାଲିତ୍ ହେଇଯାଇଛେ । ବୌଦ୍ଧ ମର୍ଜାକୁଦ ବ୍ରିଜ୍ ଛକ୍‌ଠାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ପ୍ରଶାସନ୍ ଆର୍ ନାଗରିକ୍‌ମାନ୍‌କର୍ ତର୍‌ଫୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ ।

ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆର୍ଏନ୍‌ୟୁ ସମ୍ବଲ୍‌ପୁର୍

ଆକାଶ୍‌ବାଣୀ ସମ୍ବଲପୁର୍ କେନ୍ଦ୍ରର୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆଏଜ୍ ତାର୍ ୧୦ ନମ୍ବର୍ ବଛରଥି ପାହା ଥାପିଛେ । ୨୦୧୬ ମସିହାଥି ଆଝିର୍ ଦିନେ ବୀର୍ ସୁରେନ୍ଦ୍ର ସାଏ ଆର୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କର୍ ଜନମ୍ ଦିନ୍‌ଥି ସମ୍ବଲ୍‌ପୁର୍ କେନ୍ଦ୍ରନ ଆଂଚଲିକ୍ ଖବର୍ ବିଭାଗ୍ ଥାପ୍‌ନା ହେବାର୍ ସହେତେ ସମ୍ବଲ୍‌ପୁରୀ ଭାଷାଥି ଖବର୍ ପ୍ରସାରଣ୍ ମୁଳ୍ କରିଥିଲା । ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍ ପଶ୍ଚିମ୍ ଓଡ଼ିଶାର୍ ସବୁ ଇଲାକାର୍ ଖବର୍‌କେ ଘରେ ଘରେ ପୁହୁଁଚେଇ ପାରୁଛେ । ସମ୍ବଲ୍‌ପୁର୍ ଆକାଶବାଣୀ କେନ୍ଦ୍ରନୁ ସକାଲେ ଆଉ ସଂଜେ ଦିନ୍‌କେ ୨ ଥର୍ ପ୍ରସାରିତ୍ ହେଉଥିବା ଇ ଆଂଚଲିକ୍ ସମ୍ବାଦ୍‌କେ ବଲାଙ୍ଗିର୍, ଭବାନୀପାଟ୍‌ନା ଆର୍ ରାଉର୍‌କେଲା ଆକାଶ୍‌ବାଣୀ କେନ୍ଦ୍ର ଭିଲ୍ ରିଲେ କରୁଛନ୍ ।

ସାଧାରଣତନ୍ତ୍ର ଦିବସ ପରେଡ୍ ନିମନ୍ତ୍ରଣ ଆର୍ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଯୋଗ୍‌ଦେବାର୍ ଲାଗି ରାଏଜୁ ୧୨ ଝନ୍‌କୁ ଖାସ୍ କୁନୁଆଁ ଭାବେ ନିଉତା ମିଳିଛେ । ସେମାନେ ସଭେ ରାଜ୍ୟର୍ ୯ ଟା ଜିଲ୍ଲା

ସମ୍ବଲପୁର୍, ବର୍ଗଡ୍, ବଲାଙ୍ଗିର୍, ନୂଆପଡ଼ା, କଟକ୍, ନବରଙ୍ଗ୍‌ପୁର୍, କୋରାପୁଟ୍, ଗଞ୍ଜାମ୍ ଆର୍ ବାଲେଶ୍ୱର୍ ଜିଲ୍ଲାର୍ ଗ୍ରାମ୍ୟ ଜଲ୍ ପରିମଳ କମିଟିର୍ ସଦସ୍ୟ ଆନ୍ ।

ଭିତରକନିକା ଆର୍‌ଏନ୍‌ୟୁ/ କଟକ୍

ଭିତରକନିକା ଜାତୀୟ ଉଦ୍ୟାନ୍ ଆଏଜ୍‌ଠାନୁ ପର୍ଯ୍ୟଟକ୍‌ମାନଙ୍କର ଲାଗି ଖୁଲାଯାଇଛେ । ମଗର୍ ଗନ୍‌ତି ଲାଗି ଗଲା ୧୪ ତାରିଖ୍‌ନୁ ଜାତୀୟ ଉଦ୍ୟାନ୍ ପର୍ଯ୍ୟଟକମାନ୍‌କର୍ ଲାଗି ବନ୍ଦ ଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଭିତରକନିକାଠାନେ ୧ ହଜାର୍ ୮ ଶହ ୨୬ ଟା ମଗର୍ ରହିଥିବା ଗନ୍‌ତି ଉତ୍‌ରୁ ଜନାପଡ଼ିଛେ ।

କ୍ରେଡିଟ୍ ପ୍ଲାନ୍ ଘୋଷ୍‌ନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲଙ୍କର୍ ସମ୍ମିଳନୀ କକ୍ଷ ନ ଜାତୀୟ କୃଷି ଆଉ ଗ୍ରାମ୍ୟ ବିକାଶ ବ୍ୟାଙ୍କ୍- ନାବାର୍ଡ ତର୍‌ଫୁ ଋଣ ଦେବାର୍‌କେ ଆଏବା ଆର୍ଥିକ ବଛର୍ ଲାଗି ତିଆର୍ ଗୁଟେ କ୍ରେଡିଟ୍ ପ୍ଲାନ୍ ଘୋଷ୍‌ନା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ଆର୍ ନାବାର୍ଡର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି କ୍ରେଡିଟ୍ ପ୍ଲାନ୍ ପୁସ୍ତିକା ଉନ୍ମୋଚନ୍ କରିଥିଲେ । ଜିଲ୍ଲାଥି

କ୍ଷୁଦ୍ର, ମଧ୍ୟମ୍ ଉଦ୍ୟୋଗ୍ ଆଉ ଗ୍ରାମାଂଚଲ୍‌ର ଭିତିଭୂମିର ବିକାଶ, ରୋଜ୍‌ଗାର ବଢ଼ାବାର୍ ଦିଗେ ନିବେଶ ଲାଗି ନାବାର୍ଡ ତର୍‌ଫୁ ଇ ପୁସ୍ତିକା ବନା ହେଇଛେ ।

## ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ୍ ଟୁର୍ନାମେଂଟ

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର ଫୋର୍-ସି ପଡ଼ିଆଠାନେ ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ୍ ଟୁର୍ନାମେଂଟ୍ ହେଇଯାଇଛେ । ଟୁର୍ଣ୍ଣାମେଂଟ୍‌କେ ଆଏଜ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କରିଥିଲେ । ଇଥି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ ନାୟକ ଆଉ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଭିଲ୍ ଯୋଗ୍ ଦେଇଥିଲେ । ସମ୍ବଲପୁର ସ୍ପୋର୍ଟସ୍ ଏକାଡେମୀ ତର୍‌ଫୁ ହେଇଥିବା ଦୁଇ ନମ୍ବର ବୀର ସୁରେନ୍ଦ୍ର ସାଏ କପ୍ ଟୁର୍ନାମେଂଟଥି ସମ୍ବଲ୍‌ପୁର୍ ଦଲ୍- ଦେବ୍‌ଗଡ଼୍‌କେ ୧-ଶୂନ୍ ଗୋଲ୍‌ଥି ହରେଇକରି ଚମ୍ପିଆନ୍ ହେଇଛେ । ଇଥି ସମ୍ବଲ୍‌ପୁର୍ ଆର୍ ଦେବ୍‌ଗଡ଼୍ ସହେତେ ବର୍‌ଗଡ଼୍ ଆର୍ ସୁନ୍ଦର୍‌ଗଡ଼୍ ଦଲ୍ ଭାଗ୍ ନେଇଥିଲେ ।

## ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍

ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍ ଗାନ୍ଧୀ ପଡ଼ିଆ ଠାନେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଝିର୍ ଖେଲ୍‌ଥି ଭୁବ୍‌ନେଶ୍ୱର୍‌ର ବାପୁଜୀ କ୍ଲବ୍- ରାଂଚିର୍ ସେର୍‌ସା ଦଲ୍‌କେ ୪୮ ରନ୍‌ଥି ହରେଇକରି ପୁଲ୍-ବି ର ସେମିଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ଡି.ଏସ୍.ସି ଦିଲ୍ଲୀ ସହେତେ ଏନ୍.ସି.ଏ. ଭାଇଜାଗ୍ କ୍ରିକେଟ୍ କ୍ଲବ୍ ଭିତ୍‌ରେ ଖେଲ୍ ହେବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ଆଏଜ୍ ସଞ୍ଝର୍ ୬ ବଜେନୁ ରାଂଚି ଠାନେ ଓଡ଼ିଶା ୱାରିୟର୍ସ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ମେଚ୍ ଚାଲିଛେ ।

ସେଆଡ଼େ ପୁରୁଷ ବର୍ଗଥି ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ଠାନେ ତାମିଲ୍‌ନାଡୁ ଡ୍ରାଗନ୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ ଭିତ୍‌ରେ ମେଚ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପର୍ଶ୍ଚିମାଝଡ଼ ପ୍ରଭାବ୍‌ଥି ଶୀତ୍ କମିଛେ । ଗଲାକାଏଲ୍ ଠାନୁ ଦିନ୍‌ର ତାପମାତ୍ରା ୫ ଡିଗ୍ରୀତକ୍ ବଢ଼ିଛେ । ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ଆଏଜ୍ ଦିନର୍ ତାତି ୩୦ ଡିଗ୍ରୀନୁ ଜହ ରହିଥିଲା । ସବୁନ ଜହ ତାତି ଝାର୍‌ସୁଗୁଡ଼ା, ପାରଲାଖେମୁଣ୍ଡି ଠାନେ ୩୩ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ପର୍ଶ୍ଚିମାଝଡ଼ ପ୍ରଭାବ୍‌ଥି ରାଏଜେ ତାପମାତ୍ରା ବଦ୍‌ଲିଛେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର କହିଛେ ।